# Integration of DigiLocker platform with Passport Services

February 19, 2021

## ପାସପୋର୍ଟ ସେବା ସହିତ ଡିଜି ଲକର ପ୍ଲାଟଫର୍ମର ଏକୀକରଣ

ଫେବୃଆରୀ 19, 2021

1. ପାସପୋର୍ଟ ସେବା କାର୍ଯ୍ୟକ୍ରମ ଗତ 6 ବର୍ଷ ମଧ୍ୟରେ ଭାରତରେ ପାସପୋର୍ଟ ସେବା ଯୋଗାଇଦେବାରେ ବଡ ଡିଜିଟାଲ ପରିବର୍ତ୍ତନ ଆଣିଛି।

2. ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ ଆଜି ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି ଯାହା ଦ୍ୱାରା ଜଣେ ଆବେଦନକାରୀ ଭାରତର ଯେକୈଣସି ସ୍ଥାନରୁ ପାସପୋର୍ଟ ସମ୍ବନ୍ଧୀୟ ସେବା ପାଇଁ ଆବେଦନ କରୁଥିବାବେଳେ ଭାରତ ସରକାରଙ୍କ ଡିଜିଲକର ପ୍ଲାଟଫର୍ମର ଉପଯୋଗ କରିପାରିବ। ଏହି ନୂତନ ଯୋଜନାର ଶୁଭାରମ୍ଭ ହେବା ଫଳରେ ପାସପୋର୍ଟ ସେବା ପାଇଁ ଆବେଦନ କରୁଥିବା ଆବେଦନକାରୀମାନେ ଡିଜିଲକରରେ ଅପଲୋଡ ହୋଇଥିବା ନିଜର ଦସ୍ତାବିଜର ଲିଙ୍କ ପ୍ରଦାନ କରିପାରିବେ। ଏହା ନାଗରିକମାନଙ୍କୁ କାଗଜବିହୀନ ଉପାୟରେ ଡିଜିଲକର ମାଧ୍ୟମରେ ପାସପୋର୍ଟ ସେବା ପାଇଁ ଆବଶ୍ୟକ ବିଭିନ୍ନ ଦସ୍ତାବିଜ ଦାଖଲ କରିବାକୁ ସକ୍ଷମ କରିବ। ସେମାନଙ୍କୁ ଅସଲି ଦସ୍ତାବିଜ ନେବାକୁ ପଡିବ ନାହିଁ। ଡିଜିଟାଲ ଭାରତ ଅନ୍ତର୍ଗତ ଡିଜିଲକର ହେଉଛି ଏକ ପ୍ରମୁଖ ପଦକ୍ଷେପ। ଡିଜିଟାଲ ଭାରତ ହେଉଛି ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯାହାକି ଭାରତକୁ ଏକ ଡିଜିଟାଲ ସଶକ୍ତ ସମାଜ ତଥା ଜ୍ଞାନ ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। ଡିଜିଲକର ଏକ ସାର୍ବଜନୀନ କ୍ଲାଉଡରେ ପ୍ରଦାନ କରାଯାଇଥିବା ସମସ୍ତ ଡଦସ୍ତାବିଜ/ସାର୍ଟିଫିକେଟକୁ ଉପଲବ୍ଧ କରି ଏହି କ୍ଲାଉଡରେ ନାଗରିକମାନଙ୍କୁ ଏକ ସହଭାଗୀ ବ୍ୟକ୍ତିଗତ ସ୍ଥାନ ପ୍ରଦାନ କରେ। କାଗଜବିହୀନ ଶାସନକୁ ଲକ୍ଷ୍ୟ କରି ଡିଜିଲକର ଡିଜିଟାଲ ଉପାୟରେ ଦସ୍ତାବିଜ/ସାର୍ଟିଫିକେଟ ପ୍ରଦାନ ଏବଂ ଯାଞ୍ଚ ପାଇଁ ଏକ ପ୍ଲାଟଫର୍ମ ଅଟେ ଯାହାଦ୍ୱାରା ଅସଲି ଦସ୍ତାବିଜର ବ୍ୟବହାର ଆବଶ୍ୟକ ପଡେ ନାହିଁ। ଅଧିକନ୍ତୁ, ଥରେ ଡିଜିଲକରରେ ପାସପୋର୍ଟ ଅପଲୋଡ ହୋଇଗଲେ ଯେକୌଣସି ସ୍ଥାନରୁ ପ୍ରାଧିକୃତ ଉପଭୋକ୍ତାଙ୍କ ପାଇଁ ସବିଶେଷ ତଥ୍ୟ ସହଜରେ ଉପଲବ୍ଧ ହେବ ଯାହା ବିଶେଷ ଭାବରେ ପାସପୋର୍ଟ ହଜିଗଲେ ଉପଯୋଗୀ ହେବ।

3. ଗତ 6 ବର୍ଷ ମଧ୍ୟରେ ପାସପୋର୍ଟ ସମ୍ବନ୍ଧୀୟ ସେବାରେ ବହୁତ ଉନ୍ନତି ହୋଇଛି। ନାଗରିକଙ୍କ ପାଇଁ ଇ-ପାସପୋର୍ଟ ଆରମ୍ଭ କରିବାକୁ ମନ୍ତ୍ରଣାଳୟ ଯୋଜନା କରୁଛି ଯାହା ସୁରକ୍ଷା ବୃଦ୍ଧି କରିବା ସହିତ ବିଦେଶୀ ବିମାନବନ୍ଦରରେ ଇମିଗ୍ରେସନ ପ୍ରକ୍ରିୟାର ସୁଗମତାକୁ ବୃଦ୍ଧି କରିବ। ଆଗାମୀ ପାସପୋର୍ଟ ସେବା କାର୍ଯ୍ୟକ୍ରମ V2.0 ରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ),

ମେସିନ ଲର୍ନିଂ, ଚାଟ୍-ବଟ୍, ଆନାଲିଟିକ୍ସ, ରୋବୋଟିକ୍ ପ୍ରୋସେସ୍ ଅଟୋମେସନ୍ (ଆରପିଏ) ଆଦି ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନାଗରିକଙ୍କୁ ସୁଖଦ ଅନୁଭୂତି ଏବଂ ତ୍ୱରିତ ସେବା ଯୋଗାଇଦେବାରେ ସାହାଯ୍ୟ କରିବ।

ନୂଆଦିଲ୍ଲୀ

ଫେବୃଆରୀ 19, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.